## ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର, (ବ୍ୟୁରୋ)– ହୀରାକୁଦ ଡ୍ୟାମର ଜଳସ୍ତର ଗୁରୁବାର ୬୧୧.୪୧ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୧୨ ହଜାର ୫୯୨ କ୍ୟୁସେକ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୧ଟି ଓ ବାମ ପାର୍ଶ୍ୱର ୧ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୪୮ ହଜାର ୩୯୩ କ୍ୟୁସେକ ଜଳ ନିଷ୍କାସନ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ ପଥର୍ଲାରେ ୨୯ ହଜାର ୯୪୨, ଖଇରମାଲରେ ୮୨ ହଜାର, ବରମୁଲାରେ ୮୦ ହଜାର, ମୁଣ୍ଡଲିରେ ୧ ଲକ୍ଷ ୬୦ ହଜାର ୯୩୮ କ୍ୟୁସେକ ଜଳ ପ୍ରବାହିତ ହେଉଛି।

# ଅଣଜଳସେଚିତ ଅଞ୍ଚଳରେ କୃଷିବୀମା ଚାହିଦା

**ସମ୍ବଲପୁର,୧୩।୮(ବ୍ୟୁରୋ)**

- ୧,୨୮,୬୯୦ ଅଣରଣୀ ଚାଷୀ ବୀମାଭୁକ୍ତ
- ସର୍ଭର ଡାଉନ, ରଣୀ ଚାଷୀଙ୍କ ସମସ୍ୟା
- ଆଉ ୨ ଦିନ ସମୟ ବାକି

କୃଷକ ସହାୟକ ଓ ଚାଷର କ୍ଷତିପୂରଣ ପାଇଁ ବୀମା ବ୍ୟବସ୍ଥା ରହିଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବିଭିନ୍ନ ବୀମା କମ୍ପାନୀଗୁଡିକ କାମ କରୁଛନ୍ତି। ଚଳିତ ବର୍ଷ ମୌସୁମୀ ଧୋକା ଦେବା ସହ ବର୍ଷାର ଅନିୟମିତତା ଯୋଗୁ ଚାଷୀମାନେ ଫସଲ ବୀମା କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଜିଲାରେ ଗତ ଖରିଫ ଋତୁ ଅପେକ୍ଷା ବୀମା ସଂଖ୍ୟାରେ ବୃଦ୍ଧି ପାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଣରଣୀ ଓ ରଣୀମାନଙ୍କ ପାଇଁ ଏହି ଯୋଜନାରେ ବ୍ୟବସ୍ଥା ରହିଛି। ଅଣରଣୀ ଚାଷୀମାନେ ସିଧାସଳଖ ବୀମା କରିପାରିବେ । କୌଣସି ସରକାରୀ, ଘରୋଇ ବ୍ୟାଙ୍କରେ, ସହଜ କେନ୍ଦ୍ରରେ ସେମାନେ ସବୁ ତଥ୍ୟ ଦେଇ ଫସଲ ବୀମା କରିପାରିବେ। ଏହାସହ ରଣୀ ଚାଷୀମାନେ ବ୍ୟାଙ୍କ, ସମବାୟ ସମିତି, ଲ୍ୟାମ୍ପସ ଗୁଡିକରୁ ଋଣ ନେବା ପରେ ବୀମା କରିବାର ସୁବିଧା ରହିଛି । ଅଗଷ୍ଟ ୫ ତାରିଖ ଠାରୁ ଅଣରଣୀ ଚାଷୀଙ୍କ ପାଇଁ ବୀମା କରିବା ଅବଧି ପୂରି ଯାଇଛି । ହେଲେ ରଣୀ ଚାଷୀମାନଙ୍କ ପାଇଁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୟ ରହିଛି। ଏବେ ବ୍ୟାଙ୍କ ଓ ପ୍ୟାକ୍ସଗୁଡିକ ଅନ୍‌ଲାଇନରେ ବୀମା କାମ କରୁଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ଫସଲ ବୀମା ସାଇଟ୍ ସର୍ଭର ଡାଉନ ହେବାରୁ ସମସ୍ୟା ଦେଖା ଦେଇଛି। ବୀମା କରିବା ପାଇଁ ଆଉ ୨ ଦିନ ଅବଧି ରହିଛି। ତେଣୁ ଚାଷୀଙ୍କ ନିକଟରୁ ବୀମା ଟଙ୍କା ନେଇଥିବା ବ୍ୟାଙ୍କ ଓ ପ୍ୟାକ୍ସଗୁଡିକର ଚିନ୍ତା ବଢିଯାଇଛି।

ଜଣେ ପ୍ୟାକ୍ସ କର୍ମଚାରୀ କହିଛନ୍ତି ଯେ, ଚାଷୀଙ୍କଠାରୁ ଆମେ ପ୍ରିମିୟମ ଟଙ୍କା ରଖିଛୁ। ଏବେ ଅନ୍‌ଲାଇନରେ ବୀମା କରାଯାଉଛି। ହେଲେ ସାଇଟ ଅନେକ ସମୟରେ ଖୋଲୁ ନାହିଁ। କେତେବେଳେ ଅଧାରୁ ଅଟକି ଯାଉଛି। ବଡ ସମସ୍ୟା ହେଉଛି । ସମସ୍ତ ଚାଷୀଙ୍କ ବୀମା କରାଯିବାକୁ ଚେଷ୍ଟା କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଜିଲାର ଅଣରଣୀ ଚାଷୀଙ୍କ ଫସଲ ବୀମା ପ୍ରତି ଆଗ୍ରହ ବଢିଛି। ହେଲେ ହୀରାକୁଦ ଡ୍ୟାମ୍‌ରୁ ଜଳସେଚିତ ଅଞ୍ଚଳରେ ବୀମା ସଂଖ୍ୟା କମିଯାଇଛି। କୃଷି ବିଭାଗ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ, ଜିଲାରେ ମୋଟ ୯ ବ୍ଲକରେ ପ୍ୟାକ୍ସ, ବ୍ୟାଙ୍କ, ସହଜକେନ୍ଦ୍ରଗୁଡିକରେ ୧ ଲକ୍ଷ ୨୮ ହଜାର ୬୯୦ ଜଣ ଚାଷୀଙ୍କ ନାମରେ ପଲିସି ହୋଇଛି । ଏଥିରେ ୧୩ ହଜାର ୪୦୪ ହେକ୍ଟର ଜମି ବୀମାଭୁକ୍ତ କରାଯାଇଛି । ସେହିପରି ୪୪ ହଜାର ୪୫୩ ଜଣ ରଣୀ ଚାଷୀ ବୀମାଭୁକ୍ତ ହୋଇଛନ୍ତି। ଏଥିରେ ୧୩ ହଜାର ୪୦୪ ହେକ୍ଟର ଜମି ରହିଛି । ପ୍ରତି ହେକ୍ଟର ପିଛା ୧୫୫୦ ଟଙ୍କା ରହିଛି । ଏଥିରେ ଆକଳନ କ୍ଷୟକ୍ଷତି ଓ ରିପୋର୍ଟକୁ ଆଧାର କରି ଘୋଷଣା ହୋଇଥିବା ସଂଖ୍ୟାଠାରୁ ୭୦ ପ୍ରତିଶତ ଟଙ୍କା ମିଳିବ। ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ରାୟ କହିଛନ୍ତି, ଚଳିତ ବର୍ଷ ପ୍ରଥମ କରି ବାମୀ ପାଇଁ ଚାଷୀଙ୍କୁ ବାଧ କରାଯାଉ ନ ଥିଲା । ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ଏହି ସମୟ ରହିଥିଲା। ତେଣୁ ଜଳସେଚିତ ଅଞ୍ଚଳରେ ବୀମା ସଂଖ୍ୟା କମିଯାଇଛି। ହେଲେ ଅଣ ଜଳସେଚିତ ଅଞ୍ଚଳରେ ଏହାର ସଂଖ୍ୟା ବୃଦ୍ଧିପାଇଛି। ବିଗତ କିଛି ବର୍ଷ ହେବ ଅଣ ଜଳସେଚିତ ଅଞ୍ଚଳରେ ମରୁଡ଼ି ଓ ଫସଲ କ୍ଷୟକ୍ଷତି ହେଉଛି । ତେଣୁ ବୀମା ପ୍ରଦାନ କରାଯାଉଛି। ଏହା ଏକ କାରଣ ହୋଇପାରେ ବୋଲି ସେ କହିଛନ୍ତି। ହେଲେ ସର୍ଭର ଡାଉନ ହେଉଛି। ଏହାର ବିକଳ୍ପ ବ୍ୟବସ୍ଥା କରିବା ଅସମ୍ଭବ ବୋଲି ରାୟ କହିଛନ୍ତି ।

## ସଂକ୍ଷେପରେ

### ଜିଏମ୍‌ୟୁରେ ବିଶ୍ୱ ସଂସ୍କୃତ ଦିବସ

ସମ୍ବଲପୁର, ୧୩।୮(ବ୍ୟୁରୋ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ସଂସ୍କୃତ ବିଭାଗ ପକ୍ଷରୁ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ନଭସଞ୍ଚାର ମାଧମରେ କାର୍ଯ୍ୟକ୍ରମ ହୋଇଥିଲା । ଜିଏମୟୁ କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ସଂସ୍କୃତ ବିଭାଗ ମୁଖ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାପାତ୍ର ସୂଚନା ପ୍ରଦାନ କରିଥିଲେ । ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରିହର ହୋତା ମୁଖ୍ୟଅତିଥି ଓ ପ୍ରଫେସର ବ୍ରଜକିଶୋର ସ୍ୱାଇଁ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ସଂସ୍କୃତ ବିଭାଗ ସହାୟକଚାର୍ଯ୍ୟ ଡ. ସୁସ୍ମିତା ପତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଡ. ସୁନେଲୀ ଦେଇ ଅତିଥି ପରିଚୟ ପ୍ରଦାନ, ଡ. ପ୍ରଶାନ୍ତ କୁମାର ପତି ଅତିଥି ସ୍ୱାଗତ ଓ ସାଲ ବେଶ୍ରା ସହଯୋଗ କରିଥିଲେ। ଆଲୋଚନାଚକ୍ର ସମ୍ପାଦକ ସୌମ୍ୟରଞ୍ଜନ ବଡପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ୫ ପୀଡ଼ିତ ପରିବାରକୁ ପଲିଥିନ ଯୋଗାଣ

ଲୋଇସିଂହା, ୧୩।୮(ଡି.ଏନ.ଏ.) ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଗାଇଖାଇ ଗିରିଗୋବର୍ଦ୍ଧନ ପୂଜାସ୍ଥଳ ନିକଟ ଗ୍ରାମ୍ୟ ଜଙ୍ଗଲରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଗ୍ରାମର କେତେକ ମୁଷ୍ଟିମେୟ ବ୍ୟକ୍ତି ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ଏବେ ଘର ହରାଇଥିବା ୫ ପରିବାର ଏବେ ବେଘର ହୋଇ ଯାଇଛନ୍ତି। ଗୁରୁବାର ଆଗଲପୁର ତହସିଲ ପକ୍ଷରୁ ସାଲେଭଟା ଆରଆଇ ସେହି ପୀଡିତ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି।

### ରକ୍ତଭଣ୍ଡାର କର୍ମଚାରୀଙ୍କୁ କରୋନା

ବରଗଡ଼ ଅଫିସ୍,୧୩।୮: ବରଗଡ଼ ରକ୍ତ ଭଣ୍ଡାରର ୨କର୍ମଚାରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହାପରେ ୭୨ ଘଣ୍ଟା ପାଇଁ ରକ୍ତ ଭଣ୍ଡାରରେ ରକ୍ତ ସଂଗ୍ରହ, ରକ୍ତଦାନକୁ ବନ୍ଦ କରି ଦିଆଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅରୁଣ କୁମାର ପାତ୍ର କହିଛନ୍ତି। ସେ କହିଥିଲେ, ଗୁରୁବାର ରକ୍ତ ଭଣ୍ଡାରରେ କାର୍ଯ୍ୟରତ ୧୬ କର୍ମଚାରୀଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଫଳରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି ।

### ସୋଲାର ପ୍ଲାଣ୍ଟରୁ ଚୋରି, ୧୦ ଗିରଫ

ବରଗଡ଼ ଅଫିସ୍,୧୩।୮ : ବରଗଡ଼ ଜିଲା ବିଜେପୁର ଥାନା ଅନ୍ତର୍ଗତ ବୁଡ଼ାପାଲିଠାରେ ଥିବା ସୋଲାର ପ୍ଲାଣ୍ଟରୁ ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ପୋଲିସ ଏଥିରେ ସମ୍ପୃକ୍ତ ୧୦ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉପେନ୍ଦ୍ର ବାଙ୍କା, ପ୍ରଶାନ୍ତ ବାଙ୍କା, ସୁରସେନ ପ୍ରଧାନ, ନନ୍ଦଲାଲ ପଟେଲ, ରୁଦ୍ର ପାଣ୍ଡେ, ସୁଜିତ ରଣା, ସଚିନ ରଣା, ଯଶୋବନ୍ତ ସାହୁ ଏବଂ ଅଜିତ ସାହୁ । ସେମାନଙ୍କ ପାଖରୁ ୧୬ଟି ସୋଲାର ପ୍ଲେଟ୍ ଉଦ୍ଧାର ହୋଇଛି ।

## କରୋନାରେ ଡାକ୍ତରଙ୍କ ମୃତ୍ୟୁ

**ସମ୍ବଲପୁର,୧୩।୮(ବ୍ୟୁରୋ)**

କରୋନାରେ ସମ୍ବଲପୁର ଜିଲାର ଜଣେ ୪୨ ବର୍ଷୀୟ ଡାକ୍ତରଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଥିଲେ । କେନ୍ଦ୍ର ସରକାରଙ୍କ ଏମପ୍ଲଇ ଷ୍ଟେଟ ଇନସୁରାନ୍ସ (ଇଏସ୍‌ଆଇ) ହୀରାକୁଦ ଅଫିସରେ ସେ କାର୍ଯ୍ୟରତ ଥିଲେ । ଅସୁସ୍ଥ ପରେ ତାଙ୍କୁ ପ୍ରଥମେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସ୍ୱାବ୍ ଟେଷ୍ଟ ପରେ ରିପୋର୍ଟ ପଜିଟିଭ ଆସିଥିଲା । ଏହାପରେ ତାଙ୍କୁ ଗତ ୧ ତାରିଖରେ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା । ୩ ଦିନ ହେଲା ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ତାଙ୍କ ପରିବାରରେ ସ୍ତ୍ରୀ ଓ ଦୁଇ ପୁଅ ଅଛନ୍ତି। ସମ୍ବଲପୁର ମହାନଗର ନିଗମ କଣ୍ଟେନମେଣ୍ଟ ଜୋନ ଅନ୍ତର୍ଗତ ଏକ ପଡାରେ ତାଙ୍କର ଘର। ସମ୍ବଲପୁର ଜିଲାରେ ଏହା ଦ୍ୱିତୀୟ କରୋନା ଯୋଦ୍ଧାଙ୍କ ମୃତ୍ୟୁ । ଏହାପୂର୍ବରୁ ଜଣେ କନ୍‌ଷ୍ଟେବଳଙ୍କ ମୃତ୍ୟୁ ଘଟିଥିଲା ।

## ୮ ମାସ ପରେ ତନ୍ତ୍ରଗୁରୁ ଗିରଫ

**ଭଉଣୀର ତଣ୍ଟି କାଟି ବଳିଦେବା ଘଟଣା**

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୧୩।୮ (ଡି.ଏନ୍.ଏ.)**

ଭଉଣୀର ତଣ୍ଟି କାଟି ବଳି ଦେବା ଘଟଣାର ଫେରାର ଅଭିଯୁକ୍ତ ତନ୍ତ୍ରଗୁରୁ କୁଞ୍ଜ ରଣା (୩୦)ଙ୍କୁ ବଲାଙ୍ଗୀର ଜିଲା ସିନ୍ଧେକେଲା ପୋଲିସ ଗୁରୁବାର ଗିରଫ କରିଛି । କୁଞ୍ଜ ଆନ୍ଧ୍ରପ୍ରଦେଶରୁ ଗାଁକୁ ଫେରିବା ପରେ ପୋଲିସ ତାଙ୍କୁ କାବୁ କରିଥିବା ସିନ୍ଧେକେଲା ଥାନାଧିକାରୀ ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି । ଏହି ବଳି ଘଟଣାର ଅନ୍ୟତମ ଅଭିଯୁକ୍ତ ଶୋଭାବନ ରଣାଙ୍କୁ ପୋଲିସ ଜାନୁୟାରୀରେ ଗିରଫ କରି କୋର୍ଟଚାଲାଣ କରିଥିଲା । ଏବେ ଘଟଣାର ୮ ମାସ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ୨୦୧୯ ଡିସେମ୍ବର ୨୪ ତାରିଖ ଦିନ ସାଲେବରଟ ଗାଁର ମୁସୁରୁ ରଣାଙ୍କ ଝିଅ ଜନନୀ ରଣା (୧୨) ନିଖୋଜ ହୋଇଯାଇଥିଲେ । ନିଖୋଜ ପଛରେ ବଳି ସନ୍ଦେହ କରି ଡିସେମ୍ବର ୨୮ରେ ଗ୍ରାମବାସୀ ସିନ୍ଧେକେଲା ଥାନା ଘେରାଉ କରିଥିଲେ ।

## ଏକ୍ସଟ୍ରିମ୍ ୧୬୦ ଆର୍‌ର ବଜାର ପ୍ରବେଶ



ଏକ୍ସଟ୍ରିମ୍ ୧୬୦ ଆର୍‌କୁ ବଜାର ପ୍ରବେଶ କରାଯାଉଛି ।

**ବଲାଙ୍ଗୀର ଅଫିସ, ୧୩।୮**

ଦେଶର ଅଗ୍ରଣୀ ମୋଟରସାଇକେଲ ନିର୍ମାତା ହିରୋ ମୋଟୋକର୍ପର ଅଧିକୃତ ବିକ୍ରେତା ଅରୁନ୍ଧତୀ ମୋଟର୍ସ ବଲାଙ୍ଗୀର ପକ୍ଷରୁ ନୂଆ ମଡେଲର ବାଇକ୍ ଏକ୍ସଟ୍ରିମ୍ ୧୬୦ ଆର୍‌ର ବଜାର ପ୍ରବେଶ କରାଯାଇଛି। ଅରୁନ୍ଧତୀ ମୋଟର୍ସ ପରିସରରେ ଆୟୋଜିତ ଡିଜିଟାଲ ଲଞ୍ଚିଂ କାର୍ଯ୍ୟକ୍ରମରେ ଏହାର ମ୍ୟାନେଜିଂ ଡାଇରେକ୍ଟର ବ୍ରହ୍ମାନନ୍ଦ ମେହେର ଓ ଡାଇରେକ୍ଟର ଅଚ୍ୟୁତାନନ୍ଦ ମେହେର ଅତିଥିଭାବେ ଯୋଗଦେଇ ଏହି ନୂଆ ମୋଡେଲ ବାଇକ୍‌ର ବଜାର ପ୍ରବେଶ କରାଇଥିଲେ। ହିରୋ ମୋଟୋକର୍ପର ସିନିୟର ଏରିଆ ମ୍ୟାନେଜର ଅବଦୁଲ ଆହଦ୍, ଏରିଆ ସେଲ୍‌ସ ମ୍ୟାନେଜର ମୋହିତ ଭଗତ୍ ଏବଂ ଟେରିଟୋରି ସେଲ୍‌ସ ମ୍ୟାନେଜର କୋଶଲ କୁମାର ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶୋ ରୁମ୍ ପ୍ରିମିୟମ୍ ଡିଏସ୍‌ସି ଅବନୀ କୁମାର ଦାଶ ଏହି ଏକ୍ସଟ୍ରିମ୍ ୧୬୦ ଆର୍‌ର ବିଶେଷତ୍ୱ ଏବଂ ଗୁଣବତ୍ତା ସମ୍ପର୍କରେ ବୁଝାଇଥିଲେ । ୧୬୦ ସିସି ବିଶିଷ୍ଟ ଏହି ପ୍ରୋଗ୍ରାମ୍ ଏଫ୍ ଆଇ ଓ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମାତା ସ୍ପୋର୍ଟସ୍ ଓ ସସ୍କୁଲାର ଲୁକ୍ ଦେଇଥିବାରୁ ଏହା ଯୁବଗୋଷ୍ଠୀଙ୍କ ମଧ୍ୟରେ ବେଶ୍ ଆଦୃତ ହେବା ସଙ୍ଗେ ସଙ୍ଗେ ଏହି ସେଗ୍‌ମେଣ୍ଟରେ ମାର୍କେଟ ଶେୟାର ବୃଦ୍ଧି ହେବ ବୋଲି ଅନୁଷ୍ଠାନ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଆଶା ପ୍ରକାଶ କରିଛନ୍ତି। ନୂତନ ଭାବେ ଗ୍ରାହକ ରୋନିତ ସାମନ୍ତରାୟ ଏକ୍ସଟ୍ରିମ୍ ୧୬୦ ଆର୍‌ର ଚାବି ଗ୍ରହଣ କରିଥିଲେ। ରାଜ୍ୟସ୍ତରୀୟ ଏହି ଡିଜିଟାଲ ଲଞ୍ଚିଂ କାର୍ଯ୍ୟକ୍ରମରେ ଶତାଧିକ ଗ୍ରାହକ ଯୋଡି ହୋଇଥିଲେ। ଜେନେରାଲ ମ୍ୟାନେଜର ଶଶାଙ୍କ ବହିଦାର, ସେଲ୍‌ସ ମ୍ୟାନେଜର ଆଲୋକ କୁମାର ଗୁରୁ, ସର୍ଭିସ ମ୍ୟାନେଜର ସାନନ୍ଦ ମିଶ୍ର ଓ କାଲ୍‌କୁଲେଟର ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଯୁକ୍ତ ୨ ପରୀକ୍ଷାରେ ଏମ୍ସ କଲେଜର ସଫଳତା

**ସମ୍ବଲପୁର, ୧୩।୮ (ବ୍ୟୁରୋ)**



ସୁଶାନ୍ତ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ସୁଶାନ୍ତ ବାରିକ କଲେଜ ଟପ୍ପର**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସମ୍ବଲପୁର ପରଧିଆପାଲି ସ୍ଥିତ ଏମ୍ସ କଲେଜ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। କଲେଜର ଛାତ୍ର ସୁଶାନ୍ତ ବାରିକ ୯୦.୧୬ ପ୍ରତିଶତ ମାର୍କ ରଖି ଏହି ଗୌରବ ଆଣିଛନ୍ତି । ସୁବର୍ଣ୍ଣପୁର ଜିଲା ରାମପୁର ବାସିନ୍ଦା ସୁଶାନ୍ତ ଗରିବ ଶ୍ରେଣୀର । ଦଶମ ଶ୍ରେଣୀରେ ମଧ ସେ ୯୦ ପ୍ରତିଶତ ନମ୍ବର ରଖି ପାସ୍ କରିଥିଲେ । ସୁଶାନ୍ତ ଏମ୍ସ କଲେଜରେ ନାମ ଲେଖାଇବା ପରେ କଲେଜ କର୍ତ୍ତୃପକ୍ଷ ତାଙ୍କୁ ସମ୍ପୂର୍ଣ୍ଣ ଭାବେ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରଚେଷ୍ଟା ଯୋଗୁ ସେ ଏଭଳି ସଫଳତା ପାଇଛନ୍ତି। ଅପରପକ୍ଷେ ଚଳିତ ବର୍ଷ କଲେଜର ୨୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୭୩ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରି କ୍ରମାଗତ ଭାବେ ୧୦ ବର୍ଷ ଧରି ଶତପ୍ରତିଶତ ସଫଳତାରେ ଯୋଡି ହୋଇଛନ୍ତି । କଲେଜ କର୍ତ୍ତୃପକ୍ଷ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ସୁକାନ୍ତି ଏକାଡେମୀର ସଫଳତା ହାର ୯୯%

**ସୋନପୁର,୧୩।୮(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଧୁବାମୁଣ୍ଡାସ୍ଥିତ ସୁକାନ୍ତି ଏକାଡେମୀ ଯୁକ୍ତ ୨ ବିଜ୍ଞାନ କଲେଜକୁ ଚଳିତବର୍ଷ ସଫଳତା ମିଳିଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ଅନୁଯାୟୀ ଏହି କଲେଜକୁ ୯୯ ପ୍ରତିଶତ ସଫଳତା ମିଳିଛି। ଚଳିତବର୍ଷ କଲେଜ ଛାତ୍ର ସୁଶାନ୍ତ ମେହେର ସର୍ବୋଚ୍ଚ ୫୩୦ ନମ୍ବର ୮୯% ରଖି ପାସ୍ କରିଛନ୍ତି। କଲେଜର ୧୮୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୧୮ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି । ପରୀକ୍ଷାରେ ୮୦ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ୧୯ ଜଣ ଓ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ୬୧ ଜଣ ଛାତ୍ରୀଛାତ୍ର ରଖିଥିବା ଜଣାପଡିଛି ।

## ନିଉଟନ କଲେଜ ପାସ୍ ହାର ୯୯.୬ ପ୍ରତିଶତ

**ଉଦିତ କୁମାର ନାଥ କଲେଜ ଟପ୍ପର**

**ସମ୍ବଲପୁର, ୧୩।୮ (ବ୍ୟୁରୋ)**

ସମ୍ବଲପୁର ମାଝୀପାଲି ଦେବେଇପାଲି ସ୍ଥିତ ନିଉଟନ କଲେଜର ଛାତ୍ରୀଛାତ୍ରମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ କଲେଜର ପାସ୍ ହାର ୯୯.୬ ପ୍ରତିଶତ ରହିଛି । କଲେଜର ମୋଟ ୩୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୬୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ର ଉଦିତ କୁମାର ନାଥ ୫୪୭ ମାର୍କ ରଖି କଲେଜର ଟପ୍ପର ହୋଇଥିବା ବେଳେ ରାଜ୍ୟରେ ୧୮ ତମ ସ୍ଥାନ ଅଧିକାର କରିଛନ୍ତି ।



ସେହିପରି ଓମ୍‌କାର ସାହୁ ୫୪୪ ମାର୍କ ଓ ପ୍ରତ୍ୟୁଷ କୁମାର ବାରିକ ୫୪୦ ନମ୍ବର ରଖି ଯଥାକ୍ରମେ ରାଜ୍ୟ ତାଲିକାର ୨୧ ଓ ୨୫ତମ ସ୍ଥାନ ଅଧିକାର କରିଛନ୍ତି । ଏ ନେଇ କଲେଜ ଅଧକ୍ଷ ଡ. ତେଜରାଜ ପାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜେଆଇଟିଏମ୍ ଛାତ୍ରୀଛାତ୍ରଙ୍କ ଶତପ୍ରତିଶତ ସଫଳତା

**ବଲାଙ୍ଗୀର ଅଫିସ, ୧୩।୮**

ବଲାଙ୍ଗୀରର ଅନ୍ୟତମ ପ୍ରମୁଖ ଅନୁଷ୍ଠାନ ଜେଆଇଟିଏମ୍ କଲେଜର ଛାତ୍ରୀଛାତ୍ରମାନେ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ସଫଳତା ଲାଭ କରିଛନ୍ତି। ଏହି କଲେଜର ଛାତ୍ରୀ ଲିପ୍‌ସାରାଣୀ ସାହୁ ୫୪୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତବର୍ଷ କଲେଜର ୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିରୁ ୩୮ଜଣ ପ୍ରଥମ ଶ୍ରେଣୀରେ, ୩୬ ଜଣ ଦ୍ୱିତୀୟ ଓ ୧୧ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି । ଏହି ସଫଳତା ପାଇଁ କଲେଜ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡଙ୍ଗୀ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



କୃତୀ ଛାତ୍ରୀ ଲିପ୍‌ସାରାଣୀ ପ୍ରଧାନ ।

## ଆମୃନ କଳାହାଣ୍ଡି ଜିଲା ଟପ୍ପର:ପ୍ରଗତି ବିଜ୍ଞାନ କଲେଜର ସଫଳତା

**ଭବାନୀପାଟଣା, ୧୩।୮ (ଡି.ଏନ.ଏ.)**



ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ଗୁରୁବାର ପ୍ରକାଶିତ ହୋଇଛି । ଚଳିତ ବର୍ଷ କଳାହାଣ୍ଡି ଜିଲାରେ ୫୬.୮୩ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଥିରେ କଳାହାଣ୍ଡି ଜିଲାର ପ୍ରଗତି ବିଜ୍ଞାନ କଲେଜର ଛାତ୍ର ଆମୃନ କୁମାର ପଣ୍ଡା ୫୫୬ ନମ୍ବର ରଖି ସମଗ୍ର ରାଜ୍ୟରେ ନବମ ସ୍ଥାନରେ ରହିବା ସହ ଜିଲା ଟପ୍ପର ହୋଇଛନ୍ତି । ସରସ୍ୱତୀ ବିଜ୍ଞାନ କଲେଜର ପାର୍ଥିବ ମୁଣ୍ଡ ୫୪୯ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହି ଜିଲା ପାଇଁ ଗୌରବ ଆଣିଛନ୍ତି । ଚଳିତବର୍ଷ କଳାହାଣ୍ଡି ଜିଲାରୁ ଯୁକ୍ତ ଦୁଇ ବିଜ୍ଞାନରେ ସମୁଦାୟ ୩୦୧୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେଥିରୁ ୬୫୫ ଜଣ ପ୍ରଥମ ଶ୍ରେଣୀ, ୫୫୫ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୪୮୩ ଜଣ ଛାତ୍ରୀଛାତ୍ର ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଜିଲାରେ ପ୍ରଗତି ବିଜ୍ଞାନ କଲେଜର ଛାତ୍ରୀଛାତ୍ର ଭଲ ପ୍ରଦର୍ଶନ କରିଛନ୍ତି । ଏଥିରେ ସମୁଦାୟ ୩୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ତନ୍ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୧୬ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫୦୦ ନମ୍ବରରୁ ଉର୍ଦ୍ଧ୍ୱ ୨୨ ଜଣଛାତ୍ରୀଛାତ୍ର,୮୦ଶତକଡ଼ାରୁଅଧିକନମ୍ବରରଖି୪୧ଜଣଛାତ୍ରୀଛାତ୍ରଉତ୍ତୀର୍ଣ୍ଣହୋଇଛନ୍ତି ।

## ସମସ୍ୟା ସମାଧାନ ନ ହେବା ଯାଏ କାମ ସ୍ଥଗିତ ରହୁ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

**ବଲାଙ୍ଗୀର ଅଫିସ, ୧୩।୮**

ଲୋୟର ସୁକ୍‌ତେଲ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କାମ ସ୍ଥଗିତ ଥାଉ। ଏହି ଦାବି କରି ଗୁରୁବାର ବୁଡିଅଞ୍ଚଳ ଅଗ୍ରଗାମୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକଳ୍ପ କାମ ଆରମ୍ଭ କରିବାକୁ ବିଧାୟକ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ୬ ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ଦେଇଥିଲେ। ଆଗାମୀ ଏକ ମାସ ମଧ୍ୟରେ ପ୍ରକଳ୍ପ କାମ ଆରମ୍ଭ ନହେଲେ ଆନ୍ଦୋଳନ ଚେତାବନୀ ଦେବାର ଗୋଟିଏ ଦିନ ପରେ ବୁଡିଅଞ୍ଚଳ ଅଗ୍ରଗାମୀ ସଂଘ ଜିଲାପାଳଙ୍କୁ ପ୍ରକଳ୍ପ କାମ ସ୍ଥଗିତ ରଖିବାକୁ ଦାବିପତ୍ର ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ପ୍ରଦତ୍ତ ଦାବିପତ୍ରରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସମସ୍ୟା ସମାଧାନ କରାଯିବ ପରେ ପ୍ରକଳ୍ପ କାମ ଆରମ୍ଭ କରିବାକୁ ଉଲ୍ଲେଖ କରାଯାଇଛି।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ଲୋୟର ସୁକ୍‌ତେଲ ମିଳିତ କ୍ରିୟାନୁଷ୍ଠାନ କମିଟି ଓ ସମସ୍ତ ଗ୍ରାମର କ୍ଷତିଗ୍ରସ୍ତ ପରିବାର ଉପସ୍ଥିତିରେ ବାରମ୍ବାର ବୈଠକ ହୋଇଥିଲା । ଉକ୍ତ ବୈଠକରେ ଆଲୋଚନା ହୋଇଥିବା ଲୋକଙ୍କ ବହୁବିଧ ସମସ୍ୟା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ତାହା ଜଣାପଡିନାହିଁ । ଯଦି କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ତେବେ ଉକ୍ତ କମିଟିକୁ ସରକାରଙ୍କ ସହ ଆଲୋଚନା ପାଇଁ ପଠାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି । ଉକ୍ତ ଦାବିପତ୍ରରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ବରୋଧରେ ମିଥ୍ୟା କେଶ ରୁଜୁ କରାଯାଇ ସେମାନଙ୍କ ମାନବିକ ଅଧିକାର ହନନ କରାଯାଉଛି ବୋଲି ଉଲ୍ଲେଖ କରାଯାଇଛି । ଗତ ମାର୍ଚ୍ଚ ୧୭ ତାରିଖ ଦିନ ପରଧିଆପାଲି ଗ୍ରାମର ୬ ଜଣଙ୍କ ନାଁରେ ଏଭଳି ମିଥ୍ୟା ମାମଲା ରୁଜୁ କରାଯାଇଛି ବୋଲି ଉଲ୍ଲେଖ କରାଯାଇଛି । ଏଭଳି ସ୍ଥିତି ଆଗକୁ ଯେଭଳି ନହେବ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି। ବୁଡିଅଞ୍ଚଳ ଅଗ୍ରଗାମୀ ସଂଘ ସଭାପତି ଉପେନ୍ଦ୍ର ସାହୁ ଓ ସମ୍ପାଦକ ବିଜୟ କୁମାର ନାହାକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି ।

## ଜଳସେଚିତ ହେବ ୨୫୬୦୦ହେକ୍ଟର ଜମି

**ସୋନପୁର,୧୩।୮(ନି.ପ୍ର.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ୧୭ତମ କ୍ୟାବିନେଟ୍ ବୈଠକ ବସିଥିଲା । ଏହି ବୈଠକରେ ପଶ୍ଚିମ ଓଡିଶାର ବହୁ ପ୍ରତୀକ୍ଷିତ ଗଙ୍ଗାଧର ମେହେର ଭୂତଳ ମେଗା ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ଅନୁମୋଦନ ମିଳିଛି। ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ସଂସ୍ଥା ଏହି କାମର ଟେଣ୍ଡର ପାଇଛି। ଏହି ପ୍ରକଳ୍ପ ଦ୍ୱାରା ବରଗଡ ଓ ସୁବର୍ଣ୍ଣପୁର ଜିଲାର ମରୁଡି ପ୍ରପୀଡିତ ୨୫ହଜାର ୬୦୦ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ସୋନପୁର ବିଧାୟକ ତଥା ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରକଳ୍ପ ପାଇଁ ମୋଟ ୧୧୩୮.୬୩ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ୩୦ମାସ ଭିତରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରହିଛି। ବରଗଡ କେନାଲ ପାଣିକୁ ପମ୍ପ ସାହାଯ୍ୟରେ ଉଠାଯାଇ ଭୂତଳ ପାଇପ ଦ୍ୱାରା ଅଣଜଳସେଚିତ ଜମିକୁ ଯୋଗାଇ ଦିଆଯିବ । ବରଗଡ ଜିଲା ବିଜେପୁର ବ୍ଲକର ୭୭ ଗାଁ, ସୋହେଲା ବ୍ଲକର ୨୩ ଗାଁ, ବରପାଲିର ୧୯ ଗାଁ ଓ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ୫ଟି ଗାଁର ଲୋକେ ଉପକୃତ ହେବେ। ଭିଡିଓ କନ୍‌ଫରେନ୍ସିଂ ବୈଠକରେ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅର୍ଥମନ୍ତ୍ରୀ ପୂଜାରୀଙ୍କ ସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଧ୍ୟ ଉପସ୍ଥିତ ଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍
ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ • ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠ୍‌କରଣୀ
9910560681

